# NATIONAL NEWS BULLETIN (ODIA)
## 12th April - 2026
## Evening Bulletin : 7.15 p.m.

*************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ଓ ତାମିଲ୍‌ନାଡୁରେ ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ଦଳର ତୁଙ୍ଗ ନେତାଙ୍କ ପ୍ରଚାର ।

- ନୂଆଦିଲ୍ଲୀରେ ଆସନ୍ତାକାଲି ନାରୀଶକ୍ତି ବନ୍ଦନ ସମ୍ମେଳନକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।

- ପ୍ରସିଦ୍ଧ କଣ୍ଠଶିଳ୍ପୀ ଆଶା ଭୋସ୍‌ଲେଙ୍କ ପରଲୋକରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକପ୍ରକାଶ ।

— ଆସନ୍ତାକାଲି ଅପରାହ୍ଣରେ ମୁମ୍ବାଇର ଶିବାଜୀ ପାର୍କରେ ହେବ ଶେଷକୃତ୍ୟ ।

- ଆମେରିକା ଓ ଇରାନ୍ ମଧ୍ୟରେ ଶାନ୍ତିଚୁକ୍ତି ନେଇ ଦୀର୍ଘ ୨୧ ଘଣ୍ଟାର ଆଲୋଚନା ବିଫଳ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କଲା ମୁମ୍ବାଇ ଇଣ୍ଡିଆନ୍ସ ।

## ଇଲେକ୍‌ସନ - କ୍ୟାମ୍ପେନ୍

ପଶ୍ଚିମବଙ୍ଗ ଓ ତାମିଲ୍‌ନାଡୁରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ସେମାନଙ୍କ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଓ ରୋଡ୍‌ଶୋ' ମାଧ୍ୟମରେ ପ୍ରଚାରକାର୍ଯ୍ୟରେ ସାମିଲ୍ ହୋଇଛନ୍ତି ।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଲିଗୁଡ଼ିଠାରେ ଏକ ଜନସମାବେଶକୁ ସମ୍ବୋଧନ କରି କହିଛନ୍ତି, ଶିଲିଗୁଡ଼ି କରିଡର ଆଞ୍ଚଳିକ ଏବଂ ଜାତୀୟ ସୁରକ୍ଷାପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ କେନ୍ଦ୍ର ସରକାର ଏହାକୁ ସୁରକ୍ଷିତ ରଖିବାପାଇଁ ସମସ୍ତ ପ୍ରୟାସ କରୁଛନ୍ତି । ତୃଣମୂଳ କଂଗ୍ରେସର ତୁଷ୍ଟୀକରଣ ରାଜନୀତି' ରାଜ୍ୟ ସରକାରଙ୍କ ବାର୍ଷିକ ବଜେଟ୍ ଆବଣ୍ଟନରେ ସ୍ପଷ୍ଟ ପ୍ରତିଫଳିତ ହେଉଛି ବୋଲି ଶ୍ରୀ ମୋଦି ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ମଦ୍ରାସା ଶିକ୍ଷା ବିକାଶ ପାଇଁ ୬ ହଜାର କୋଟି

ଟଙ୍କା ଆବଣ୍ଟନ କରିଥିବାବେଳେ ଉତ୍ତର-ପୂର୍ବର ପ୍ରବେଶ ଦ୍ୱାର ଉତ୍ତରବଙ୍ଗପାଇଁ ବଜେଟ୍ ଆବଣ୍ଟନ କରିବାରେ ଟି.ଏମ୍.ସି. ବିଫଳ ହୋଇଛି ବୋଲି ଶ୍ରୀ ମୋଦି ସମାଲୋଚନା କରିଛନ୍ତି । ରାଜ୍ୟରେ ବି.ଜେ.ପି. କ୍ଷମତାକୁ ଆସିଲେ ଏହି ଅଞ୍ଚଳରେ ଡାକ୍ତରଖାନା, ମେଡିକାଲ୍ କଲେଜ ଏବଂ ବିଶ୍ୱବିଦ୍ୟାଳୟ ନିର୍ମାଣକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ମୋଦି ପ୍ରତିଶ୍ରୁତି ଦେଇଛନ୍ତି ।

ତାମିଲ୍‌ନାଡୁରେ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ବିରୁଧୁନଗର ଜିଲ୍ଲାର ଶତୁରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଏ.ଆଇ.ଡି.ଏମ୍.କେ., ପି.ଏମ୍.କେ. ଏବଂ ଏନ୍.ଡି.ଏ. ମେଣ୍ଟର କର୍ମୀମାନେ ରୋଡ୍‌ଶୋରେ ଯୋଗ ଦେଇଛନ୍ତି । ଡି.ଏମ୍.କେ. ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଆଜି ସକାଳେ ପରମାକୁଡ଼ିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ ।

## ପି.ଏମ୍. - ନାରୀଶକ୍ତି ସମ୍ମେଳନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ନୂଆଦିଲ୍ଲୀରେ ନାରୀଶକ୍ତି ବନ୍ଦନ ସମ୍ମେଳନକୁ ସମ୍ବୋଧନ କରିବେ । ଭାରତର ବିକାଶ ଯାତ୍ରାରେ ମହିଳାମାନଙ୍କର ଅଂଶଗ୍ରହଣକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ଏହି

ଜାତୀୟସ୍ତରୀୟ ସମ୍ମେଳନ ଆୟୋଜନ କରାଯାଉଛି । ପଞ୍ଚାୟତଠାରୁ ସଂସଦ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଶାସନ ଏବଂ ନେତୃତ୍ୱ କ୍ଷେତ୍ରରେ ମହିଳାଙ୍କ ବର୍ଦ୍ଧିତ ଭୂମିକା ଉପରେ ଏହି ସମ୍ମେଳନ ଆଲୋକପାତ କରିବ । ସରକାର, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଉଦ୍ୟୋଗ, ଗଣମାଧ୍ୟମ, ସାମାଜ ସେବା ଏବଂ ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ସଫଳ ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ମହିଳାମାନଙ୍କ ଭୂମିକା ଉପରେ ଏହି ସମ୍ମିଳନୀରେ ଆଲୋଚନା ହେବ । ୨୦୨୩ ମସିହା ସେପ୍ଟେମ୍ବର ମାସରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳା ପ୍ରତିନିଧିତ୍ୱ ବୃଦ୍ଧି କରିବା ନେଇ ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ପାରିତ ହୋଇଥିଲା । ଏହି ଆଇନ ଅନ୍ତର୍ଗତ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା । ସମଗ୍ର ଦେଶରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରି ଆସନ୍ତା ୧୬ ତାରିଖରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସିବ ।

## ବି.ଜେ.ପି. - ଶିବରାଜ ସିଂହ

ଭାରତୀୟ ଜନତା ପାର୍ଟି ବିହାରରେ ବିଧାୟକ ଦଳ ନେତା ନିର୍ବାଚନପାଇଁ ବରିଷ୍ଠ ନେତା ତଥା କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ

ଚୌହାନଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛି । ଦଳର ସଂସଦୀୟ ବୋର୍ଡ଼ ଏହି ନିଷ୍ପତ୍ତି ନେଇଛି ।

## ଇଣ୍ଟର ମିନିଷ୍ଟେରିଆଲ୍ - ୱେଷ୍ଟ ଏସିଆ

ଦେଶରେ ଘରୋଇ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ ସ୍ୱାଭାବିକ ରହିଛି ବୋଲି ସରକାର କହିଛନ୍ତି । ଗତକାଲି ୫୨ ଲକ୍ଷରୁ ଅଧିକ ଘରୋଇ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ କରାଯାଇଛି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏଲ୍.ପି.ଜି.ର କଳାବଜାରୀ ରୋକିବାପାଇଁ ସାରାଦେଶରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ୨ ହଜାର ୭୦୦ରୁ ଅଧିକ ସ୍ଥାନରେ ଚଢ଼ାଉ କରାଯାଇଛି । ମନ୍ତ୍ରଣାଳୟ କହିଛି, ତୈଳ ବିପଣନ କମ୍ପାନୀଗୁଡ଼ିକ ଅଚାନକ ଯାଞ୍ଚ ପ୍ରକ୍ରିୟାକୁ ଜାରି ରଖିଛନ୍ତି । ୨୧୯ଟି ଏଲ୍.ପି.ଜି. ବିତରକଙ୍କ ଉପରେ ଦଣ୍ଡାଦେଶ ହୋଇଛି ଏବଂ ଅଦ୍ୟାବଧି ୫୬ ଜଣ ବିତରକଙ୍କୁ ନିଲମ୍ବନ କରାଯାଇଛି ।  ଗତମାସ ୨୩ ତାରିଖ ପରଠାରୁ ୧୩ ଲକ୍ଷରୁ ଅଧିକ ୫ କିଲୋଗ୍ରାମ୍ ବିଶିଷ୍ଟ ମୁକ୍ତ ବାଣିଜ୍ୟ ଏଲ୍.ପି.ଜି. ସିଲିଣ୍ଡର ବିକ୍ରି କରାଯାଇଛି । ଗତମାସଠାରୁ ୪ ଲକ୍ଷ ୨୪ ହଜାରରୁ ଅଧିକ ପି.ଏନ୍.ଜି. ସଂଯୋଗରେ ଗ୍ୟାସ୍ ଯୋଗାଣ ହେଉଛି ଏବଂ ୪ ଲକ୍ଷ ୬୬ ହଜାରରୁ ଅଧିକ ଗ୍ରାହକ ନୂତନ ସଂଯୋଗପାଇଁ ପଞ୍ଜୀକରଣ କରିଛନ୍ତି ।

ପଶ୍ଚିମ ଏସିଆ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ବୋଲି ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ କହିଛି । ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ପତାକାଧାରୀ ଜାହାଜ ସହ କୌଣସି ଅଘଟଣ ଘଟି ନାହିଁ । ମନ୍ତ୍ରଣାଳୟ ମାଧ୍ୟମରେ ଏପର୍ଯ୍ୟନ୍ତ ୨ ହଜାରରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ସ୍ୱଦେଶ ଫେରାଇ ଆଣିବା ସୁଗମ ହୋଇଛି ।

ଯେଉଁ ଦେଶଗୁଡ଼ିକର ଆକାଶମାର୍ଗ ଉନ୍ମୁକ୍ତ ରହିଛି, ସେଠାରୁ ବିମାନ ଚଳାଚଳ ଜାରି ରହିଛି । ଫେବୃୟାରୀ ମାସ ୨୮ ତାରିଖଠାରୁ ପ୍ରାୟ ୮ ଲକ୍ଷ ୯୭ ହଜାର ଯାତ୍ରୀ ଏହି ଅଞ୍ଚଳରୁ ଭାରତକୁ ଯାତ୍ରା କରିଥିବା ଜଣାପଡ଼ିଛି ।

## ଆଶା ଭୋସ୍‌ଲେ ଟ୍ରିବ୍ୟୁଟ୍

ପ୍ରସିଦ୍ଧ କଣ୍ଠଶିଳ୍ପୀ ତଥା ପଦ୍ମବିଭୂଷଣ ପୁରସ୍କାରପ୍ରାପ୍ତ ଆଶା ଭୋସ୍‌ଲେଙ୍କ ପରଲୋକ ପରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସମବେଦନା ଜ୍ଞାପନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଆଶା ଭୋସ୍‌ଲେଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ତାଙ୍କ ବିୟୋଗ ସଙ୍ଗୀତ ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ସେ ତାଙ୍କର ସମଧୁର ଏବଂ କାଳଜୟୀ କଣ୍ଠସ୍ୱର ସହ ଦଶନ୍ଧି ଧରି ଭାରତୀୟ

ସଙ୍ଗୀତ ଜଗତକୁ ସମୃଦ୍ଧ କରିଥିଲେ । ତାଙ୍କ ବିୟୋଗ ସଙ୍ଗୀତପ୍ରେମୀଙ୍କପାଇଁ ଏକ ଅପୂରଣୀୟ କ୍ଷତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶା ଭୋସ୍‌ଲେଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ କହିଛନ୍ତି, ତାଙ୍କର ଅସାଧାରଣ ସଙ୍ଗୀତ ଯାତ୍ରା ଦେଶର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଥିଲା ଏବଂ ବିଶ୍ୱର କୋଟି କୋଟି ହୃଦୟକୁ ଛୁଇଁଥିଲା । ପ୍ରଧାନମନ୍ତ୍ରୀ ତାଙ୍କ ପରିବାର, ପ୍ରଶଂସକ ଏବଂ ସଙ୍ଗୀତପ୍ରେମୀଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆଶା ଭୋସ୍‌ଲେଙ୍କ ସହ ବିତାଇଥିବା ମୁହୂର୍ତ୍ତକୁ ସ୍ମରଣ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍’ ପ୍ରସିଦ୍ଧ କଣ୍ଠଶିଳ୍ପୀ ଆଶା୍ ଭୋସ୍‌ଲେଙ୍କ ବିୟୋଗରେ ଶୋକବ୍ୟକ୍ତ କରି କହିଛନ୍ତି, ତାଙ୍କର କାଳଜୟୀ କଣ୍ଠସ୍ୱର ଏବଂ ସଙ୍ଗୀତ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟରେ ପ୍ରତିଧ୍ୱନିତ ହେବ ଏବଂ ଆଗାମୀ ପିଢ଼ିକୁ ପ୍ରେରଣା ଦେବ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ’ ଆଶା ଭୋସ୍‌ଲେଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ତାଙ୍କର ପରଲୋକ ସଙ୍ଗୀତ ଜଗତପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା’ ଶୋକ ପ୍ରକାଶ କରି କହିଛନ୍ତି, ଆଶା ଭୋସ୍‌ଲେଙ୍କ ମଧୁର କଣ୍ଠସ୍ୱର ଏବଂ ଅତୁଳନୀୟ ପ୍ରତିଭା ତାଙ୍କୁ କେବଳ ଏକ ଅନନ୍ୟ ପରିଚୟ ଦେଇ ନ ଥିଲା; ବରଂ ଭାରତୀୟ ସଙ୍ଗୀତକୁ ସମୃଦ୍ଧ କରିଥିଲା ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରସିଦ୍ଧ ଗାୟିକା ଆଶା ଭୋସ୍‌ଲେଙ୍କ ବିୟୋଗ ଶୋକପ୍ରକାଶ କରି କହିଛନ୍ତି, ଭାରତୀୟ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ଗଭୀର ସମ୍ମାନର ସହ ସ୍ମରଣୀୟ ହୋଇ ରହିବ ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଜେବେନ୍ଦ୍ର ଫଡ଼ନବୀଶ ଆଶା ଭୋସ୍‌ଲେଙ୍କ ବିୟୋଗରେ ଶୋକ ପ୍ରକାଶ କରି ସଙ୍ଗୀତ କ୍ଷେତ୍ରରେ ତାଙ୍କର ବହୁମୁଖୀ ପ୍ରତିଭା ଶୈଳୀର ଗୁରୁତ୍ୱାରୋପ କରିଛିନ୍ତି ।

ଚଳଚ୍ଚିତ୍ର, କ୍ରୀଡ଼ାକ୍ଷେତ୍ର ଏବଂ ସଙ୍ଗୀତ ଜଗତର ହେମାମାଳିନୀ, ଏ.ଆର୍. ରହମାନ, ଉର୍ମିଳା ମାତୋଣ୍ଡକର, ଶଙ୍କର ମହାଦେବନ୍, ଅକ୍ଷୟ କୁମାର, ରୋନୁ ମଜୁମ୍‌ଦାର, କ୍ରିକେଟର୍ ସଚିନ ତେନ୍ଦୁଲ୍‌କର, ବିରାଟ କୋହଲି ପ୍ରମୁଖ କଣ୍ଠଶିଳ୍ପୀ ଆଶା ଭୋସ୍‌ଲେଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସ୍‌ଲେଙ୍କର ଆଜି ମୁମ୍ବାଇଠାରେ ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ନିକଟ ସମ୍ପର୍କୀୟଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ଅପରାହ୍ଣ ୪ଟାରେ ଶିବାଜୀ ପାର୍କରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ।

## ଇରାନ୍ ଟକ୍

ପାକିସ୍ତାନର ଇସ୍‌ଲାମାବାଦରେ ଆମେରିକା ଏବଂ ଇରାନ୍ ମଧ୍ୟରେ ଦୀର୍ଘ ୨୧ ଘଣ୍ଟାର ଆଲୋଚନା ପରେ ଉଭୟ ଦେଶ ଏକ ଶାନ୍ତିଚୁକ୍ତିରେ ପହଞ୍ଚିବାରେ ବିଫଳ ହୋଇଛନ୍ତି । ଆଲୋଚନା ଭଙ୍ଗ ହେବାପାଇଁ ଉଭୟ ପକ୍ଷ

ପରସ୍ପରକୁ ଦାୟୀ କରିଛନ୍ତି । ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କହିଛନ୍ତି, ବିବାଦ ସମାପ୍ତ ପାଇଁ ୱାଶିଂଟନ୍‌ର ଶେଷ ଏବଂ ସର୍ବୋତ୍ତମ ପ୍ରସ୍ତାବକୁ ଇରାନ୍ ପ୍ରତ୍ୟାଖ୍ୟାନ କରିଛି । ତେହେରାନ୍‌ର ପରମାଣୁ କାର୍ଯ୍ୟକ୍ରମ ପରିତ୍ୟାଗ କରିବାକୁ ଅନିଚ୍ଛା ପ୍ରକାଶ କରିବା ଏକ ପ୍ରମୁଖ ସମସ୍ୟା ଥିଲା ବୋଲି ଶ୍ରୀ ଭାନ୍ସ କହିଛନ୍ତି । ଅନ୍ୟପକ୍ଷରେ ଇରାନର ନେତୃତ୍ୱ ନେଇଥିବା ବାଚସ୍ପତି ମହମ୍ମଦ ବାଘେର୍ ଗାଲିବାଫ୍ କହିଛନ୍ତି, ଇରାନ୍‌ର ବିଶ୍ୱାସ ହାସଲ କରିପାରିବ କି ନାହିଁ, ଏହା ଆମେରିକା ଉପରେ ନିର୍ଭର କରେ । କଥାବାର୍ତ୍ତା ସମୟରେ ଆମେରିକା ପକ୍ଷରୁ ଅତ୍ୟଧିକ ଅବୈଧ ଦାବି ହୋଇଥିବାର ଇରାନ୍ ବୈଦେଶିକ ମନ୍ତ୍ରଣାଳୟ ଅଭିଯୋଗ କରିଛି । ଶାନ୍ତିଚୁକ୍ତିରେ ବିଫଳତା ବିଶ୍ୱ ଶକ୍ତି ବଜାରକୁ ସ୍ଥିର କରିବାପାଇଁ ହର୍ମୁଜ୍ ପ୍ରଣାଳୀ ପୁନଃ ଖୋଲିବା ସମ୍ଭାବନାକୁ ମନ୍ଥର କରିଦେଇଛି ।

## ଏମ୍.ଇ.ଏ. - ଚୀନ୍

ଭାରତର ଭୂଭାଗରେ ଥିବା ସ୍ଥାନଗୁଡ଼ିକୁ କାଳ୍ପନିକ ନାମ ଦେବାପାଇଁ ଚୀନ୍ ପକ୍ଷରୁ କରାଯାଇଥିବା ଯେକୌଣସି ପ୍ରୟାସକୁ ଭାରତ ସ୍ପଷ୍ଟଭାବେ ପ୍ରତ୍ୟାଖ୍ୟାନ କରିଛି । ନୂଆଦିଲ୍ଲୀ କହିଛି, ସମ୍ପର୍କରେ ନକରାତ୍ମକତା ସୃଷ୍ଟି କରୁଥିବା ଏବଂ ଉତ୍ତମ ବୁଝାମଣା ସୃଷ୍ଟି କରିବାପାଇଁ ପ୍ରୟାସକୁ ଦୁର୍ବଳ

କରୁଥିବା କାର୍ଯ୍ୟରୁ ଚୀନ୍ ନିବୃତ୍ତ ରହିବା ଉଚିତ । ଭାରତ ଭୂଭାଗରେ ଥିବା ସ୍ଥାନଗୁଡ଼ିକୁ ଚୀନ୍ କାଳ୍ପନିକ ନାମ ଦେବା ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଚୀନ୍‌ର ଏପରି ପ୍ରୟାସ ଅରୁଣାଚଳ ପ୍ରଦେଶ ସମେତ ଏହି ସ୍ଥାନ ଏବଂ ଅଞ୍ଚଳଗୁଡ଼ିକର ବାସ୍ତବତାକୁ ବଦଳାଇପାରିବ ନାହିଁ । ସେଗୁଡ଼ିକ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ ଥିଲା, ଅଛି ଏବଂ ସର୍ବଦା ରହିବ ବୋଲି ଶ୍ରୀ ଜୟସ୍ୱାଲ୍ କହିଛନ୍ତି ।

## ବ୍ୟାଡ୍‌ମିଣ୍ଟନ୍

ଚୀନ୍‌ର ନିଙ୍ଗ୍‌ବୋଠାରେ ଅନୁଷ୍ଠିତ ଏସିଆ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ରେ ଭାରତର ଆୟୁଷ ସେଟ୍ଟି ରୌପ୍ୟ ପଦକ ହାସଲ କରିଛନ୍ତି । ଫାଇନାଲ୍‌ରେ ଚୀନ୍‌ର ସି ୟୁକି'ଙ୍କଠାରୁ ୮-୨୧, ୧୦-୨୧ରେ ପରାସ୍ତ ହୋଇ ଆୟୁଷ୍ ରନର୍ସ ଅପ୍ ହୋଇଛନ୍ତି । ବିଗତ ୬୧ ବର୍ଷ ମଧ୍ୟରେ ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ଆୟୁଷ୍ ଭାରତର ପ୍ରଥମ ପୁରୁଷ ସିଙ୍ଗଲ୍‌ସ ରୌପ୍ୟପଦକ ହାସଲ କରିଛନ୍ତି । ପୂର୍ବରୁ ଆୟୁଏ ଶୀର୍ଷ ମାନ୍ୟତାପ୍ରାପ୍ତ ତଥା ପୂର୍ବଥରର ଚାମ୍ପିୟନ୍ ଥାଇଲାଣ୍ଡ୍‌ର କୁନ୍‌ଲାଭୁଟ୍ ଭିଟିଦର୍ସାନ୍‌ଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍ କ୍ରିକେଟ୍‌ରେ ଲକ୍ଷ୍ନୌର ଏକ୍‌ନା ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଆଜିର ପ୍ରଥମ ମ୍ୟାଚ୍‌ରେ ଗୁଜରାଟ୍ ଟାଇଟନ୍‌ସ’ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ୧୬୫ ରନ୍‌ର ବିଜୟ ଲକ୍ଷକୁ ପିଛା କରି ଗୁଜରାଟ ଦଳ ୧୮ ଓଭର୍ ୪ଟି ବଲ୍‌ରେ ୩ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଆଉ କିଛି ସମୟ ପରେ ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ଠାରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ମୁମ୍ବାଇ ଇଣ୍ଡିଆନ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

## ଆଇ.ଏମ୍.ଡି. - ୱେଦର୍

ଭାରତୀୟ ପାଣିପାଗ ବିଭାଗ ଆସନ୍ତାକାଲି ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ, ଉପକୂଳ ଓଡ଼ିଶା, କର୍ଣ୍ଣାଟକ, ଗୁଜରାଟ, ତାମିଲ୍‌ନାଡୁ, ପୁଡୁଚେରୀ ଏବଂ କରାଇକାଲ୍‌ରେ ଗରମ ଓ ଗୁଳୁଗୁଳି ହେବାର ପୂର୍ବାନୁମାନ କରିଛି । ଆଜିଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଭାରତରେ ସର୍ବାଧିକ ତାପମାତ୍ରା

୬ରୁ ୮ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆଗାମୀ ୨ ଦିନ ମଧ୍ୟରେ ଉତ୍ତର-ପୂର୍ବ ଭାରତରେ ବଜ୍ରପାତ ଏବଂ ପ୍ରବଳ ପବନ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

*****